# NATIONAL NEWS BULLETIN (ODIA)

**13 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୱାଶିଂଟନ୍ ଡିସିରେ ଆଜି ସାକ୍ଷାତ କଲେ ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଲସୀ ଗାବାର୍ଡ ।

- ୱାକ୍ଅଫ୍ ସଂଶୋଧନ ବିଧେୟକ-୨୦୨୪ ଉପରେ ଯୁଗ୍ମ କମିଟିର ରିପୋର୍ଟକୁ ନେଇ ହଟ୍ଟଗୋଳ ଯୋଗୁଁ ଲୋକସଭା ମୁଲତବୀ

- ଭୂମିକମ୍ପ ବିପଦ ହ୍ରାସ କରିବା ବ୍ୟବସ୍ଥାକୁ ବିକଶିତ କରିବା ଲାଗି ସରକାର ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି; କହିଲେ, ବିଭାଗୀୟ ମନ୍ତ୍ରୀ ଜିତେନ୍ଦ୍ର ସିଂ

- ରେଡିଓର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ରେଡିଓ ଦିବସ।

ଏବଂ

- ୩୮ତମ ଜାତୀୟ କ୍ରୀଡାରେ ଆଜି ହକିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ହେବ ଫାଇନାଲ ମ୍ୟାଚ।

# ତୁଳସୀ ଗାବାର୍ଡ

ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗାବାର୍ଡ ଆଜି ୱାଂଶିଟନ୍ ଡିସିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଲୋଚନା କାଳରେ ଶ୍ରୀ ଗାବାର୍ଡଙ୍କ ସହିତ ପୂର୍ବରୁ ହୋଇଥିବା ସାକ୍ଷାତ ଆଲୋଚନାର ସ୍ମୃତିଚାରଣ କରିଥିଲେ। ଉଭୟଙ୍କ ମଧ୍ୟରେ ଆଜି ଦୁଇ ଦେଶର ଦ୍ୱି-ପାକ୍ଷିକ ସମ୍ପର୍କ, ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଦମନ କରିବା କ୍ଷେତ୍ରରେ ଗୁଇନ୍ଦା ସହଯୋଗ, ସାଇବର ନିରାପତ୍ତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଉଭୟ ଦେଶର ସ୍ୱାର୍ଥ ବିଜଡିତ ବୈଶ୍ୱିକ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଯାତ୍ରା ଶେଷ କରି ଆଜି ସକାଳେ ୱାଶିଂଟନ୍‌ରେ ପହଞ୍ଚିଥିଲେ। ଆଜି ଶ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ହେବା ପରେ ଶ୍ରୀ ମୋଦୀ ବିଶ୍ୱର ପ୍ରଥମ ପ୍ରମୁଖ ନେତାଙ୍କ ମଧ୍ୟରେ ଆମେରିକା ଗସ୍ତ କରିଛନ୍ତି । ଗସ୍ତରେ ଯିବା ପୂର୍ବରୁ ଶ୍ରୀ ମୋଦୀ କହିଥିଲେ, ତାଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ଏବଂ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉପରେ ଆଧାରିତ ହେବ ।

# ୱାକ୍‌ଅଫ୍ ସଂଶୋଧନ ବିଲ୍-୨୦୨୪

ଲୋକସଭାରେ ୱାକ୍ଅଫ୍ ସଂଶୋଧନ ବିଧେୟକ-୨୦୨୪ଉପରେ ଯୁଗ୍ମ କମିଟି ଦେଇଥିବା ରିପୋର୍ଟକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଆଜି ୱାକ୍ଅଫ୍ ସଂଶୋଧନ ବିଲ୍-୨୦୨୪ ସମ୍ପର୍କିତ ଯୁଗ୍ମ କମିଟି ରିପୋର୍ଟ ଲୋକସଭାରେ ଉପସ୍ଥାପନ ହେବା ପୂର୍ବରୁ କଂଗ୍ରେସ, ଡିଏମ୍‌କେ ଏବଂ ସମାଜବାଦୀ ଦଳର ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ଗୃହକାର୍ଯ୍ୟ ଶୃଙ୍ଖଳିତ ଭାବେ କରାଇବାକୁ ଅନୁରୋଧ କରିଥିଲେ। ୱାକ୍ଅଫ୍ ସଂଶୋଧନ ବିଲ୍ ଉପସ୍ଥାପିତ ହେବା ପରେ ପ୍ରତ୍ୟେକ ସଦସ୍ୟଙ୍କୁ ଏହା ଉପରେ ବକ୍ତବ୍ୟ ରଖିବାକୁ ସେ ଅନୁମତି ଦେବେ ବୋଲି କହିବା ସତ୍ତ୍ୱେ ହୋ-ହଲ୍ଲା ଜାରି ରହିବାରୁ ଗୃହକୁ ଅପରାହ୍ଣ ୨ଟା ଯାଏଁ ବାଚସ୍ପତି ମୁଲତବୀ ରଖିଛନ୍ତି। ଇତିମଧ୍ୟରେ ବିରୋଧୀଙ୍କ ହୋ-ହଲ୍ଲା ମଧ୍ୟରେ ସତ୍ତ୍ୱେ ହୋ-ହଲ୍ଲା ଜାରି ରହିଥିଲା। ୱାକ୍ଅଫ୍ ସଂଶୋଧନ ବିଲ୍-୨୦୨୪ ଉପରେ ଯୁଗ୍ମ କମିଟି ଦେଇଥିବା ରିପୋର୍ଟ ରାଜ୍ୟସଭାରେ ଉପସ୍ଥାପିତ ହୋଇଛି। ଆଜି ସକାଳେ ରାଜ୍ୟସଭାର ଗୃହକାର୍ଯ୍ୟ ଆରମ୍ଭ ହେବା ସହିତ ବିଜେପି ସାଂସଦ ଡକ୍ଟର ମେଧା ବିଶ୍ରମ୍ କୁଲକର୍ଣ୍ଣୀ ଯୁଗ୍ମ କମିଟି ରିପୋର୍ଟର ଏକ ନକଲ ଗୃହରେ ଉପସ୍ଥାପନ କରିଥିଲେ। ତେବେ ବିରୋଧୀମାନେ ହଟ୍ଟଗୋଳ ଓ ନାରାବାଜୀ କରିବାକୁ ଅଧ୍ୟକ୍ଷ ଜଗଦୀପ ଧନଖଡ ଗୃହକୁ ପୂର୍ବାହ୍ଣ ୧୧ଟା ୨୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଗୃହକାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ମଲିକାର୍ଜୁନ ଖଡ୍‌ଗେ ୱାକ୍ଅଫ୍ ସଂଶୋଧନ ବିଧେୟକ-୨୦୨୪ ରିପୋର୍ଟରେ ବିରୋଧୀଦଳ ସଦସ୍ୟଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ

ସ୍ଥାନିତ ହୋଇନଥିବା ନେଇ ଅଭିଯୋଗ କରିଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ପ୍ରସ୍ତାବକୁ ଅଣଦେଖା କରାଯିବା ଅଗଣତାନ୍ତ୍ରିକ ବୋଲି ସେ ଅଭିଯୋଗ କରିଥିଲେ। ପୁଣି ଥରେ କମିଟି ଏହା ଉପରେ ବିଚାର କରିବାକୁ ସେ ଦାବି କରିଥିଲେ। ଏହାର ଉତ୍ତରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ରିପୋର୍ଟରରେ ବିରୋଧୀ ଦଳଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ କାଣ୍ଟଛାଣ୍ଟ ହୋଇ ନଥିବା କହିଥିଲେ। ବିରୋଧୀଦଳ ଗୃହକୁ ବାଟବଣା କରୁଥିବା ସେ ଅଭିଯୋଗ କରିଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମାନ ମତ ପୋଷଣ କରି ବିରୋଧୀଦଳଗୁଡ଼ିକୁ ଓ୍ୱାକ୍‌ଅଫ୍ ପ୍ରସଙ୍ଗରେ ସମାଲୋଚନା କରିଥିଲେ। ଗୃହର ନେତା ଜେ.ପି.ନଡ୍ଡା ସାମ୍ବିଧାନିକ ପରମ୍ପରା ଅନୁଯାୟୀ, ବିରୋଧୀଦଳମାନେ ଗୃହକାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବାରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି ପ୍ରସଙ୍ଗରେ ସରକାରୀ ଦଳର ଆଭିମୁଖ୍ୟକୁ ବିରୋଧ କରି ବିରୋଧୀଦଳ ପକ୍ଷରୁ କକ୍ଷତ୍ୟାଗ କରାଯାଇଥିଲା।

## ଆର୍ଥକ୍ୱେକ୍

ଭୂମିକମ୍ପ ବିପଦ ହ୍ରାସ କରିବା ବ୍ୟବସ୍ଥାକୁ ବିକଶିତ କରିବା ଲାଗି ସରକାର ଏକ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ରାଜ୍ୟସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, କେନ୍ଦ୍ର ସରକାର ଭୂମିକମ୍ପଜନିତ ତ୍ୱରିତ ପ୍ରାକ୍ ସୂଚନା ହାସଲ କରିବା ପାଇଁ ହିମାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଅବଜରଭେଟୋରୀ ସ୍ଥାପନ କରିଛନ୍ତି। ଏଥିସହିତ ଭୂମିକମ୍ପ ବିପଦକୁ ସାମ୍ନା କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଡକ୍ଟର ସିଂ କହିଛନ୍ତି, ବିଭିନ୍ନ ସମୟରେ ପ୍ରାକୃତିକ ଦୁର୍ବିପାକକୁ ମୁକାବିଲା କରିବା ପାଇଁ ସରକାରଙ୍କ ପକ୍ଷରୁ ଲୋକମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରାଯାଉଛି ।

## ନେସ୍‌ନାଲ ପେନ୍‌ସନ୍ ସ୍କିମ୍

ସରକାର ଆଗାମୀ ଦିନରେ ଦେଶରେ ରହିଥିବା ବିଭିନ୍ନ ଜାତୀୟ ପେନ୍‌ସନ୍ ଯୋଜନାକୁ ଗୋଟିଏ ଯୋଜନା ଅଧିନକୁ ଆଣିବାକୁ ଯୋଜନା କରୁଛନ୍ତି । ଏ ସଂକ୍ରାନ୍ତୀୟ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ୍ ମାଣ୍ଡବୀୟ କହିଛନ୍ତି, ଦେଶରେ ବିଭିନ୍ନ ପେନ୍‌ସନ୍ ଯୋଜନା ବିଶେଷକରି ଅଣସଂଗଠିତ କ୍ଷେତ୍ରର ଲୋକମାନଙ୍କ ପାଇଁ ରହିଛି । ସେଥିମଧ୍ୟରେ ଅଟଳ ପେନ୍‌ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଶ୍ରମିକ ମନ୍ଧନ ଏବଂ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନ୍ଧନ ଆଦି ଯୋଜନା ରହିଛି । ମନ୍ତ୍ରୀ କହିଛନ୍ତି, ଏହି ଯୋଜନାଗୁଡ଼ିକ ଅଧୀନରେ ୬ କୋଟିରୁ ଅଧିକ ହିତାଧିକାରୀ ଅଛନ୍ତି । ହିତାଧିକାରୀମାନଙ୍କୁ ଏହି ଯୋଜନାଗୁଡ଼ିକ ଦ୍ୱାରା ୬୦ ବର୍ଷ ଅତିକ୍ରମ କରିବା ପରେ ମାସକୁ ୩ ହଜାରରୁ ୫ ହଜାର ପର୍ଯ୍ୟନ୍ତ ପେନ୍‌ସନ୍ ମିଳିବାର ବ୍ୟବସ୍ଥା ରହିଛି । ସେ କହିଛନ୍ତି, ସରକାର ଯୋଜନାଗୁଡ଼ିକ ସରଳୀକରଣ କରି ସେଗୁଡ଼ିକୁ ଗୋଟିଏ ବ୍ୟବସ୍ଥା ଅଧୀନରେ ପରିଚାଳିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ନିଶୁଳ୍କ ଖାଦ୍ୟଶସ୍ୟ ବଣ୍ଟନ ଯୋଜନାରେ ୮୦ କୋଟି ହିତାଧିକାରୀ ଏବେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ କହିଛନ୍ତି ।

## ୱାର୍ଲ୍ଡ ରେଡିଓ ଡେ

ରେଡିଓର ମହତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ରେଡିଓ ମାଧ୍ୟମରେ ସୂଚନା ପାଇବା ଲାଗି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରେଡିଓ ଦିବସ ପାଳନ କରାଯାଉଛି । ରେଡ଼ିଓର ଅନନ୍ୟ ଶକ୍ତିକୁ ମନେ ପକାଇ ପୃଥିବୀର କୋଣଅନୁକୋଣରୁ ଲୋକମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାର ବାର୍ତ୍ତା ଦେଉଛି ବିଶ୍ୱ ରେଡିଓ ଦିବସ । ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବାର୍ତ୍ତା ରହିଛି, "ରେଡ଼ିଓ ଏବଂ ଜଳବାୟୁ ପରିବର୍ତ୍ତନ" ।

ବିଶ୍ୱ ରେଡ଼ିଓ ଦିବସ ଅବସରରେ ୟୁନେସ୍କୋର ମହାନିର୍ଦ୍ଦେଶକ ଅଦ୍ରେ ଅଜାଲେ କହିଛନ୍ତି, ବିଶ୍ୱ ରେଡ଼ିଓ ଦିବସ ହେଉଛି ଯୋଗାଯୋଗର ସ୍ଥାୟୀ, ବହୁମୁଖୀ ଏବଂ ବ୍ୟାପକ ଉପଲବ୍ଧତାକୁ ପାଳନ କରିବାର ଏକ ସୁଯୋଗ ।

ଏହି ଦିବସ ଅବସରରେ ପ୍ରସାର ଭାରତୀର ଅଧ୍ୟକ୍ଷ ନବନୀତ କୁମାର ସେହେଗଲ କହିଛନ୍ତି, ଖବର ଓ ସୂଚନା ପ୍ରସାରଣ ମାଧ୍ୟମରେ ଦେଶରେ ସାଂସ୍କୃତିକ ଓ ଅର୍ଥନୈତିକ ବିକାଶରେ ରେଡ଼ିଓର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ସେ କହିଛନ୍ତି, 'ବହୁଜନ ସୁଖାୟ' ଆଦର୍ଶରେ ବିଶ୍ୱର ସବୁଠାରୁ ବଡ଼ ରେଡ଼ିଓ ନେଟ୍‌ୱର୍କ ଆକାଶବାଣୀ ଦେଶବାସୀଙ୍କ ନିକଟରେ ପହଞ୍ଚି ପାରୁଛି ।

ପ୍ରସାରଭାରତୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ବିଶ୍ୱ ରେଡ଼ିଓ ଦିବସ ଅବସରରେ ସମସ୍ତ ଶ୍ରୋତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବିଶ୍ୱ ରେଡ଼ିଓ ଦିବସ ଅବସରରେ ଶୁଭେଚ୍ଛା ଜଣାଇ ଆକାଶବାଣୀର ମହାନିର୍ଦ୍ଦେଶକ **ଡକ୍ଟର ପ୍ରଜ୍ଞା ପାଲିୱାଲ ଗୌର** କହିଛନ୍ତି, ୯ ଦଶନ୍ଧି ଧରି ଆକାଶବାଣୀ ସୂଚନା, ଶିକ୍ଷା ଓ ମନୋରଂଜନ ମାଧ୍ୟମରେ ସ୍ରୋତାଙ୍କ ପାଖରେ ପହଞ୍ଚୁଛି ।

ସେ କହିଛନ୍ତି, **V/O**

# ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର କୁଶୀନଗରରେ ଏକ ଅଟୋରିକ୍ସାକୁ ଟ୍ରକ୍ ଧକ୍କା ଦେବା ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ସେହିଭଳି ସାହାଜାହାନପୁରରେ ଗତକାଲି ରାତିରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ଭ୍ୟାନ୍ ଓଲଟି ପଡିବାରୁ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଭ୍ୟାନ୍‌ରେ ଥିବା ୧୬ ଜଣ ଆହତ ହୋଇଛନ୍ତି। ଭ୍ୟାନ୍‌ଟିରେ ଶ୍ରମିକମାନେ ସେମାନଙ୍କର ପରିବାରବର୍ଗଙ୍କୁ ଧରି ହରିୟାଣା ଅଭିମୁଖେ ଯାଉଥିଲେ।

# ଉତ୍ତରାଖଣ୍ଡ ନେସନାଲ ଗେମ୍‌ସ୍

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡାରେ ଆଜି ହକିରେ ଉଭୟ ମହିଳା ଓ ପୁରୁଷ ବର୍ଗର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ମହିଳା ବର୍ଗରେ ମଧ୍ୟପ୍ରଦେଶ ହରିୟାଣାକୁ ଭେଟୁଥିବାବେଳେ ପୁରୁଷ ବର୍ଗରେ ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜି ମଧ୍ୟ ଉଦ୍ଧାମସିଂ ନଗର'ର ଚକ୍ରପୁର ସ୍ପୋର୍ଟସ୍ ଷ୍ଟାଡିୟମ୍‌ରେ ପୁରୁଷବର୍ଗ ମାଲଖମ୍ବ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ପୁରୁଷବର୍ଗ ମାଲଖମ୍ବରେ ସ୍ୱର୍ଣ୍ଣପଦକ ହାସଲ କରିବା ପାଇଁ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ତାମିଲନାଡୁ ମଧ୍ୟରେ ମୁକାବିଲା ହେବ। ଅନ୍ୟପକ୍ଷରେ ମହିଳାବର୍ଗ ମାଲଖମ୍ବରେ ମଧ୍ୟପ୍ରଦେଶ ସ୍ୱର୍ଣ୍ଣପଦକ ହାସଲ କରିସାରିଛି।

ଗତକାଲି ଉତ୍ତରପ୍ରଦେଶର ସଚିନ୍ ଯାଦବ ପୁରୁଷବର୍ଗ ଜାଭେଲିନ୍‌ରେ ୮୪ ଦଶମିକ ୩/୯ ମିଟର ଦୂର ଅତିକ୍ରମ କରି ୧୦ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିବା ସହିତ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଗୁଜୁରାଟର କୋଷାମ୍ବିୟା ଏରୋବିକ୍ ଜିମ୍‌ନାଷ୍ଟିକ୍‌ରେ ଗତକାଲି ସ୍ୱର୍ଣ୍ଣପଦକ ହାସଲ କରିବା ସହିତ ଚଳିତ ଜାତୀୟ କ୍ରୀଡାରେ ତୃତୀୟ ପଦକ ଜିତିଛନ୍ତି। ଆଜିସୁଦ୍ଧା ପଦକ ତାଲିକାରେ ସ୍ପୋର୍ଟସ୍ କଂଟ୍ରୋଲ୍‌ବୋର୍ଡ ସର୍ଭିସେସ୍ ୬୫ଟି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଛି। ୫୦ଟି ସ୍ୱର୍ଣ୍ଣପଦକ ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ଥିବାବେଳେ, ତୃତୀୟ ସ୍ଥାନରେ ରହିଥିବା ହରିୟାଣା ୩୯ଟି ସ୍ୱର୍ଣ୍ଣପଦକ ଜିତିଛି।